# ମୋ ଗାଁ ମୋର ଗୌରବ





## ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା

# ରଙ୍ଗୀନ ମାଛ ଚାଷ

ରଙ୍ଗୀନ ମାଛଗୁଡିକ ନିଶ୍ଚିତ ରୂପେ ପ୍ରକୃତିର ଏକ ବିଚିତ୍ର ସୃଷ୍ଟି । ସେମାନେ ପ୍ରକୃତି କୋଳରେ ଶାନ୍ତ ମଧୁର ଅବକାଶ ସୃଷ୍ଟି କରିଥାନ୍ତି । ସେଥିପାଇଁ ବୋଧେ ସେମାନଙ୍କୁ ପାଣିର ରତ୍ନ କୁହାଯାଏ । ପୃଥିବୀରେ ଲୋକମାନଙ୍କର ଯେତେ ସବୁ ଶୌକ ବା ରୁଚି ଅଛି ସେଥି ମଧ୍ୟରେ ରଙ୍ଗୀନ ମାଛ ପାଳନ ଦ୍ୱିତୀୟ ସ୍ଥାନରେ ରହିଛି । ରଙ୍ଗୀନ ମାଛ ପାଳନରେ ରୁଚି ରଖିଥିବା ଲୋକଙ୍କର ସଂଖ୍ୟା ଦିନକୁଦିନ ବଢିବାରେ ଲାଗିଛି । ଏବେ ଜଳକୃଷି କ୍ଷେତ୍ରରେ ରଙ୍ଗୀନମାଛ ପାଳନ ଏକ ଆଖିଦୃଷ୍ଟିଆ ବ୍ୟବସାୟିକ ସୁଯୋଗରେ ପରିଣତ ହୋଇଛି । ସରକାରଙ୍କର ବିକାଶ ମୁଖୀ କାର୍ଯ୍ୟକ୍ରମ ତଥା ଚାଷୀ ଓ ଉଦ୍ୟୋଗୀ ମାନଙ୍କର ଉଦ୍ୟମ ଯୋଗୁଁ ଏହି କ୍ଷେତ୍ରଟି ବେଶ ଭଲ ବଢିବାରେ ଲାଗିଛି । ତେଣୁ ଅନେକ ଉଦ୍ୟୋଗୀ ଏହି ଆଶାପ୍ରଦବ୍ୟବସାୟ ପ୍ରତି ଆକର୍ଷିତ ହେଉଛନ୍ତି ।

**ରଙ୍ଗୀନ ମାଛ ଉତ୍ପାଦନ ପାଇଁ ପୂର୍ବ ପ୍ରସ୍ତୁତି:**

ରଙ୍ଗୀନ ମାଛ ଉତ୍ପାଦନର ସଫଳତା ସେହି ପ୍ରକଳ୍ପରେ ଥିବା ପ୍ରଜନନ ଓ ପାଳନ ଏକକର ସ୍ଥାନ ନିରୂଣ, ରୂରେଖ ଓ କାର୍ଯ୍ୟକ୍ରମର ଯୋଜନା ଉପରେ ନିର୍ଭର କରେ । କେତେକ ନିର୍ଦ୍ଦିଷ୍ଟ ଅବଶ୍ୟକତା ଯଥା ପାଣି, ବିଜୁଳି ଶକ୍ତି ଓ ପୋଖତା ରଙ୍ଗୀନ ମାଛ ର ଅଭାବ ରହିଲେ ଏହିରି ପ୍ରକଳ୍ପରୁ ବିଶେଷ ଲାଭ ହୋଇନଥାଏ । ତେଣୁ ପ୍ରକଳ୍ପଟିଏ କରିବା ପୂର୍ବରୁ ଅନେକ ଭାବିଚିନ୍ତି କରିବାକୁ ହୋଇଥାଏ । ରଙ୍ଗୀନ ମାଛପାଳନ ଉଦ୍ୟୋଗର ବୟବସାୟୀକ ସଫଳତା ପାଇଁ ଅନେକ ପ୍ରଜାତି ମାଛଙ୍କର ପାଳନ କରିବାକୁ ହୋଇଥାଏ । ଏହି ସଫଳତା ପାଇଁ ମଧ୍ୟ ଆହୁରି ଅନେକ କିଛି ଦିଗପ୍ରତି ଧ୍ୟାନ ଦେବାକୁ ହୁଏ । ସେଗୁଡିକରୁ କିଛି ନିମ୍ନରେ ଦିଆହେଇଛି ।

- ଛୋଟିଆ ପ୍ରକଳ୍ପଟିଏ ପାଇଁ ଅତିକମରେ ୨୫୦-୫୦୦ ବର୍ଗଫୁଟ ଭୂମିର ଆବଶ୍ୟକତା ରହିଛି । ଏକ ବଡ ପ୍ରକଳ୍ପ ପାଇଁ ଏକ ଏକର ବା ତାଠରୁ ଅଧିକ ଜାଗାର ଆବଶ୍ୟକ ପଡିଥାଏ । ଯେଉଁଥିରେ କୋଇ କାର୍ପ, କ୍ୟାଟଫିସ, ଗୌରାମି ଓ ବାର୍ବ ପରି ମାଛ ମାନଙ୍କ ପାଇଁ ପୋଖରୀମାନ ଖୋଳାହେବା ଦରକାର ।
- ରଙ୍ଗୀନ ମାଛଙ୍କ ପ୍ରଜନନ ଓ ପାଳନ ପାଇଁ ଥଣ୍ଡା ଓ ଛାଇ ଛାଇଆ ଜାଗାଟିଏ ବାଛିବା ଦରକାର ।
- ରଙ୍ଗୀନ ମାଛଙ୍କ ପ୍ରଜନନ ଓ ପାଳନ ଏକକ ପାଖରେ ପର୍ଯ୍ୟପ୍ତ ପରିମାଣରେ ପାଣି ଓ ବିଜୁଳି ଶକ୍ତି ର ଆବଶ୍ୟକତା ରହିଛି । ପାଖରେ ଝରଣାଟିଏ ଥିଲେ ସବୁଠୁ ଭଲ । ଏହା ପ୍ରକଳ୍ପଟିକୁ ନିରନ୍ତର ନିର୍ମଳ ପାଣି ଯୋଗାଇ ପାରିବ ।
- ରଙ୍ଗୀନ ମାଛଙ୍କ ପ୍ରଜନନ ଓ ପାଳନ ନମିନ୍ତେ ସଠିକ ପ୍ରଜାତି ଚୟନର ଭୂମିକା ବହୁତ ଅଧିକ । କେତେକ ପ୍ରଜାତି ପ୍ରଜନନ ପାଇଁ ମୃଦୁ ଜଳ ଆବଶ୍ୟକ କରୁଥିବା ବେଳେ ଅନ୍ୟ କେତେକ କ୍ଷାରୀ ପାଣିକୁ ପସନ୍ଦ କରନ୍ତି । ପ୍ରାୟ ସବୁ ଶାବକ ବାହକ ପ୍ରଜାତିମାନେ କ୍ଷାରୀ ପାଣିରେ ପ୍ରଜନନ କରିଥାନ୍ତି । ଆଞ୍ଜେଲ, ଡିସ୍କସ, ଟେଟ୍ରା, ଓସ୍କାର ଏବଂ ଲୋଚ ପ୍ରଭୃତି ପ୍ରଜାତିମାନେ ସାମାନ୍ୟ ଅମ୍ଳୀୟ ପାଣିରେ ପ୍ରଜନନ କରିବାକୁ ଭଲ ପାଆନ୍ତି । ଅବଶ୍ୟ ଯେଉଁ ମାଛ ମାନେ ଅଣ୍ଡା ଦେଇ ବଂଶ ବିସ୍ତାର କରନ୍ତି ଯଥା ଗୋଲ୍ଡ ଫିସ, ଗୌରାମି, ଡାନିଓ, କ୍ୟାଟଫିସ , ରୋଜି ବାର୍ବ ଫାଇଟର ଇତ୍ୟାଦି ପାଣିର ଭିନ୍ନତାକୁ ଚଳାଇ ନିଅନ୍ତି ।
- ଯେଉଁ ପାଣିରେ ଅତ୍ୟଧିକ କ୍ଷାରତା ବା ଲୌହ ଅଂଶ ଅଧିକ ଥାଏ ସେପରି ପାଣିରେ ଅନେକ ରଙ୍ଗୀନମାଛ ପ୍ରଜନନ କରିପାରନ୍ତିନାହିଁ । ତେଣୁ ପ୍ରକଳ୍ପ ପୂର୍ବରୁ ଏହି ଭଳି ପରିସ୍ଥିତିକୁ ଏଡାଇଯିବା ଦରକାର ।
- ପାଣିର ସୁରିଚାଳନା ପାଇଁ ବାୟୋଫିଲଟର ର ବ୍ୟବସ୍ଥା ରଖିବା ନହାତି ଦରକାର ।

- ଉଚ୍ଚକୋଟିର ପୋଖତା ମାଛଙ୍କ ମାନ ଠାରୁ ଉନ୍ନତ ମାନର ଛୁଆ ମାଛ ମିଳିଥାନ୍ତି । ତେଣୁ ଭଲ ପ୍ରଜନନ ପାଇଁ ନିଜ ଫାର୍ମରେ ଭଲ ପୋଖତା ମାଛ ପାଳନ କରିବା ଦରକାର ।
- ପ୍ରଜନନ ମାନ ବଢାଇବାପାଇଁ କୌଣସି ପୋଖତା ମାଛଙ୍କୁ ଦୁଇ ବର୍ଷରୁ ଅଧିକ ସମୟ ପ୍ରଜନନ କରିବା ଉଚିତ ନୁହେଁ ବରଂ ମଝିରେ ମଝିରେ ଦୂରଦୂରାନ୍ତରେ ଥିବା ଜଳରାଶିରୁ ପୋଖତା ମାଛ ମାନଙ୍କୁ ସଂଗ୍ରହ କରିବା ଉଚିତ ।
- ଜଣେ ମାଛ ପ୍ରଜନନକାରି ଗୋଟିଏ ବା ଦୁଇଟି ମାଛ ପ୍ରଜାତିଙ୍କୁ ବାରମ୍ବାର ପ୍ରଜନନ କରି ସେହି ମାଛ ମାନଙ୍କର ଉତ୍ପାଦନ ବଢାଇବାରେ ଦକ୍ଷତା ହାସଲ କରିବା ଉଚିତ ।
- କୃଷିଜାତର ସହଉତ୍ପାଦନ ଗୁଡିକୁ ନେଇ ମାଛମାନଙ୍କ ପାଇଁ ଭଲ ନାଡି ଖାଦ୍ୟ ପ୍ରସ୍ତୁତ କରାଯାଇପାରେ । ସେଥିପାଇଁ ଗୋଟିଏ ଛୋଟ ନାଡିଖାଦ୍ୟ ପ୍ରସ୍ତୁତି ମେସିନ ରଖିବାର ଆବଶ୍ୟକତା ରହିଛି ।
- ରଙ୍ଗୀନ ମାଛଙ୍କ ପ୍ରଜନନ ଓ ପାଳନ ପ୍ରକଳ୍ପଟିକୁ ଗମନାଗମନର ସୁବଧା ଥିବା ଦରକାର । ଏପରିକି ଏହା ବିମାନ ବନ୍ଦର ବା ରେଳ ଷ୍ଟେସନ ପାଖରେ ହୋଇଥିଲେ ଆହୁରି ଭାଲ । ଏହା ଦ୍ୱାରା ବିପଣନ ଓ ରପ୍ତାନୀ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥାଏ ।
- ଯେଉଁମାନେ ରଙ୍ଗୀନ ମାଛଙ୍କ ପ୍ରଜନନ ଓ ପାଳନ କରିବେ ସେମାନେ ବିକ୍ରୀବଟାପାଇଁ କ୍ଷୁଦ୍ର, ମଧ୍ୟମ ଓ ବୃହତ ବ୍ୟବସାୟୀଙ୍କ ସହିତ ସର୍ବଦା ସମ୍ପର୍କ ରଖିଲେ ଭଲ ଉପାର୍ଜନ କରିପାରିବେ ।
- ପ୍ରଗତିଶୀଳ ଉଦ୍ୟୋଗୀମାନେ ନୂଆନୂଆ ଗବେଷଣା ତଥ୍ୟକୁ ଉପଯୋଗକରିବା ପାଇଁ ନୀୟମିତ ପ୍ରଶିକ୍ଷଣ ନେବା ଓ ଭଲଭଲ ଉଦ୍ୟୋଗଗୁଡିକୁ ପରିଦର୍ଶନ କରିବା ଉଚିତ ।
- ଯେଉଁ ନୂଆ ମାଛମାନଙ୍କୁ ବାହାରୁ ସଂଗ୍ରହ କରାଯାଏ ସେମାନଙ୍କୁ ପ୍ରଥମେ ସତର୍କ ଚିକିତ୍ସା କରାଯାଇ ନିଜ ଫାର୍ମରେ ପୁରାଇବା ଉଚିତ । ସେଥାଇଁ ଫାର୍ମର ସ୍ୱଳ୍ପ ଦୂରରେ ଗୋଟିଏ ବା ଦୁଇଟି ସତର୍କ ଚିକିତ୍ସା କୁଣ୍ଡ ରହିବା ଦରକାର ।
- ରଙ୍ଗୀନ ମାଛଙ୍କ ପ୍ରଜନନ ଓ ପାଳନ ବେଳେ ଯଦି ମାଛମାନଙ୍କର କୌଣସି ଅସ୍ୱାଭାବିକ ଲକ୍ଷଣ ମାନ ଦେଖାଦିଏ ବା ସାମୁହିକ ମୃତ୍ୟୁ ଆରମ୍ଭ ହୁଏ ତେବେ ବିଶେଷଜ୍ଞଙ୍କ ପରାମର୍ଶନେଇ ତୁରନ୍ତ କିଛି ବ୍ୟବସ୍ଥା କରିବା ଉଚିତ ।

**ଯେଉଁମାନେ ପ୍ରଥମ କରି ରଙ୍ଗୀନ ମାଛଙ୍କ ପ୍ରଜନନ ଓ ପାଳନ କରିବେ:**

ଯେଉଁମାନେ ପ୍ରଥମକରି ରଙ୍ଗୀନ ମାଛଙ୍କ ପ୍ରଜନନ ଓ ପାଳନ କରିବେ ସେମାନଙ୍କୁ ଅନୁରୋଧ ସେମାନେ ପ୍ରଥମେ କିଛିଦିନ ଶାବକବାହକ ପ୍ରଜାତି ଯଥା ଗପି ଓ ମୋଲି ଇତ୍ୟାଦି (ଯେଉଁମାନେ କି ସହଜରେ ପ୍ରଜନନ କରିାରନ୍ତି) ନେଇ କାର୍ଯ୍ୟ ଆରମ୍ଭ କରନ୍ତୁ ଏବଂ ଏହି କ୍ଷେତ୍ରରେ କିଛି ଅନୁଭୁତି ହେଲାପରେ ଅନ୍ୟାନ୍ୟ ଅଣ୍ଡାଦିଆ ପ୍ରଜାତି ଯଥା ଗୋଲ୍ଡ ଫିସ, ଗୈରାମି, ଡାନିଓ, କ୍ୟାଟଫିସ, ରୋଜି ବାର୍ବ ଫାଇଟର ଇତ୍ୟାଦିଙ୍କୁ ନେଇ କାର୍ଯ୍ୟ କରନ୍ତୁ । ଅବଶ୍ୟ ରଙ୍ଗୀନ ମାଛଙ୍କ ପ୍ରଜନନ ଓ ପାଳନ କରିବା ପୂର୍ବରୁ ଏ ବିଷୟରେ ପ୍ରଶିକ୍ଷଣ ନେବା ଭଲ ।

**ରଙ୍ଗୀନ ମାଛଙ୍କ ପ୍ରଜନନ ପାଇଁ ସିଫାର ବୈଷୟୀକ ଜ୍ଞାନକୌଶଳ :**

ଆଇ.ସି.ଏ.ଆର- ସିଫା ବିଗତ ଦିନ ମାନଙ୍କରେ ଅନେକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନକରି ୨୦୦୦ ରୁ ଅଧିକ ଆଗ୍ରହି ଚାଷୀ ମାନଙ୍କୁ ପ୍ରଶିକ୍ଷିତ କରିପାରିଛି । ଏହାଛଡା ଅନେକ ଚାଷୀ ଓ ମହିଳା ଚାଷୀ ମାନେ ନୀୟମିତଭାବରେ ସଫାକୁ ପରିଦର୍ଶନ କରିବାକୁ ଆସନ୍ତି ଓ ଯୋଗାଯୋଗ ମଧ୍ୟ ରଖନ୍ତି । ସିଫାର ବୈଜ୍ଞାନିକମାନେ ନୂତନ ଉଦ୍ୟୋଗି ମାନଙ୍କୁ ବୈଷୟୀକ ଜ୍ଞାନକୌଶଳ ଦେବା ସଙ୍ଗେସଙ୍ଗେ ବ୍ୟବସାୟୀକ ପ୍ରସ୍ତାବନା ପ୍ରସ୍ତୁତି କରିବାରେ ସାହାଯ୍ୟ କରିଥାନ୍ତି । ରଙ୍ଗୀନ ମାଛଙ୍କ ପ୍ରଜନନ ଓ ପାଳନର ବିକାଶ ପାଇଁ ସରକାରୀ ସ୍ତରରେ ଅନେକ ପ୍ରୋତ୍ସାହନ ଓ ସହାୟତା ବ୍ୟବସ୍ଥାମାନ ଅଛି । ରଙ୍ଗୀନ ମାଛଙ୍କ ପ୍ରଜନନ ଓ ପାଳନ ପ୍ରକଳ୍ପ ପ୍ରତିଷ୍ଠାପାଇଁ ଜାତୀୟ ମତ୍ସ୍ୟ ବିକାଶ ପରିଷଦ(ଏନ.ଏଫ.ଡି.ବି) ପ୍ରାୟ ୫୦ ପ୍ରତିଶତ ପର୍ଯ୍ୟନ୍ତ ଛାଡ ଦେଇଥାନ୍ତି । ଉଦ୍ୟୋଗୀମାନେ ସରକାରୀ ସହାୟତା ତଥା ବୈଷୟୀକ ଜ୍ଞାନକୌଶଳକୁ ଉପେଯାଗକରି ରଙ୍ଗୀନ ମାଛଙ୍କ ପ୍ରଜନନ ଓ ପାଳନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିବେ ।

© copyright all rights reserved. ICAR-CIFA 2016

**ସୂଚନା ନିମନ୍ତେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ:**

ନିର୍ଦ୍ଦେଶକ, ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା
ପୋଷ୍ଟ-କୌଶଲ୍ୟାଗଙ୍ଗ, ଭୁବନେଶ୍ୱର-୭୫୧ ୦୦୨, ଓଡିଶା, ଭାରତ
ଦୂରଭାଷା :୯୧-୬୭୪-୨୪୬୫୪୨୧, -୨୪୬୫୪୪, -୨୪୬୫୪୦୨
ଫ୍ୟାକ୍ସ :୯୧-୬୭୪-୨୪୬୫୪୦୭
ଇ.ମେଲ: director.cifa@icar.gov.in, ୱେବସାଇଟ୍: www.cifa.in

ପ୍ରସ୍ତୁତି
**ଡ. ସରୋଜ କୁମାର ସ୍ୱାଇଁ,** ପ୍ରଧାନ ବୈଜ୍ଞାନିକ
**ଡ. ମୁକେଶ କୁମାର ବୈରଓା,** ବୈଜ୍ଞାନିକ
**ଡ. ଆଇ. ସିଭାରମଣ,** ବୈଜ୍ଞାନିକ
**ଡ. ସୁରେଶ ଚନ୍ଦ୍ର ରଥ,** ପ୍ରଧାନ ବୈଜ୍ଞାନିକ
ପ୍ରକାଶକ
**ଡ. ପି. ଜୟଶଙ୍କର,** ନିର୍ଦ୍ଦେଶକ